# NATIONAL NEWS BULLETIN (ODIA)

**11 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯୋଗ ହେଉଛି ଏକ କାଳଜୟୀ ଅଭ୍ୟାସ ଏବଂ ଏହା ଏକତା ଓ ସୌହାର୍ଦ୍ଦ୍ୟକୁ କରିଥାଏ ପ୍ରତିପାଦନ ।

- ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଚୟନ ନେଇ ଆଜି ଭୁବନେଶ୍ୱରରେ ବସିବ ବିଜେପି ବିଧାୟକ ଦଳ ବୈଠକ ।

- ପୁଡୁଚେରୀରେ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁଁ ୩ ମହିଳାଙ୍କର ମୃତ୍ୟୁ ।

- ଏନ୍. ଚନ୍ଦ୍ରବାବୁ ନାଇଡୁ ଆସନ୍ତାକାଲି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ ।

ଏବଂ

- ନିଟ୍ ୟୁଜି-୨୦୨୪ ଫଳ ଆଧାରରେ ଚାଲିଥିବା ଡାକ୍ତରୀ ନାମଲେଖା କାଉନ୍ସେଲିଂ ପ୍ରକ୍ରିୟା ଉପରେ ଅନ୍ତରିଣ ରହିତାଦେଶ ଦେବାକୁ ମନା କଲେ ସୁପ୍ରିମକୋର୍ଟ ।

# ଯୋଗ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  କହିଛନ୍ତି ଯୋଗ ହେଉଛି ଏକ କାଳଜୟୀ ଅଭ୍ୟାସ, ଯାହା ଏକତା ଏବଂ ସୌହାର୍ଦ୍ଦ୍ୟକୁ ପାଳନ କରେ । ବିଭିନ୍ନ ସଂସ୍କୃତି ଓ ଭୌଗୋଳିକ କ୍ଷେତ୍ରକୁ ଯୋଡ଼ିବାରେ ଯୋଗର ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଯୋଗ ସମଗ୍ର ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଏକାଠି କରିଛି । ଯୋଗକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ମାଧ୍ୟମ କରିବା ସହ  ଅନ୍ୟମାନଙ୍କୁ ଏଥିପାଇଁ  ପ୍ରୋତ୍ସାହିତ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନକୁ ଆଉ କିଛିଦିନ ବାକି ଥିବା ବେଳେ ଏହା ପୂର୍ବରୁ ବିଶ୍ୱସ୍ତରରେ ଏଥିପାଇଁ ଉତ୍ସାହ ସୃଷ୍ଟି କରିବା ଲକ୍ଷ୍ୟରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯୋଗ ଶାନ୍ତି ଏବଂ ଧୈର୍ଯ୍ୟର ସହିତ ଜୀବନର ଆହ୍ୱାନ ଗୁଡ଼ିକର ମୁକାବିଲା  କରିବାରେ ସହାୟକ ହୋଇଥାଏ । ସାମାଜିକ ଗଣମାଧ୍ୟମ ଏକ୍ସ ରେ ବିଭିନ୍ନ ଆସନ ଏବଂ ଏହାର ଫାଇଦା ସଂପର୍କରେ ମାର୍ଗଦର୍ଶନ ଦେବା ପାଇଁ ଶ୍ରୀ ମୋଦୀ ଏକ ଭିଡ଼ିଓ ମଧ୍ୟ ଶେୟାର କରିଛନ୍ତି । ଏହି ଭିଡ଼ିଓ ଲୋକମାନଙ୍କୁ ନିୟମିତ ଯୋଗ ଅଭ୍ୟାସ କରିବାକୁ ପ୍ରେରଣା ଦେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ ।

## ମୋଦୀ-ଥାନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଉଭୟ ଭାରତ ଓ କତାର ସେମାନଙ୍କ ଦ୍ୱିପାକ୍ଷିକ ସଂପର୍କକୁ ଅଭୂତପୂର୍ବ ଉଚ୍ଚତାରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତିବଦ୍ଧ । କତାରର ଅମୀର ଏଚ୍.ଏଚ୍. ଶେଖ୍ ତାମିମ୍ ବିନ୍ ହମାଦ ଅଲ୍ ଥାନୀଙ୍କ ସହ ଆଲୋଚନା ପରେ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ଏହା କହିଛନ୍ତି । ଭାରତ ପ୍ରତି ଅଲ୍ ଥାନୀଙ୍କ ଶୁଭେଚ୍ଛା ଓ ସକାରାତ୍ମକ ଭାବନା ପାଇଁ ମଧ୍ୟ ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ପୁଡୁଚେରୀ-ଡେଥ୍

ପୁଡୁଚେରୀ ରାଜ୍ୟର ଓଲଗାରେଟ୍ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଡୁନଗର ଅଞ୍ଚଳରେ ଥିବା ଏକ ଶୌଚାଳୟରୁ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି । ଗୁରୁତର ଅବସ୍ଥାରେ ଅନ୍ୟ ୨ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଅଞ୍ଚଳର ଗୃହ ଶୌଚାଳୟ ପାଇପ୍ ଲାଇନ୍‌କୁ କେନ୍ଦ୍ରୀକୃତ ଭୂତଳ ଡ୍ରେନେଜ୍ ଏବଂ ନର୍ଦ୍ଦମା ବ୍ୟବସ୍ଥା ସହିତ ସଂଯୋଗ କରାଯାଇଛି । ଏହି ଅଞ୍ଚଳ ନିକଟରେ ଏକ ନର୍ଦ୍ଦମା ଜଳ ବିଶୋଧନ ୟୁନିଟ୍ ରହିଛି । ଭୂତଳ ପାଇପ୍ ଭିତରେ ଉତ୍ପନ୍ନ ହେଉଥିବା ବିଷାକ୍ତ ଗ୍ୟାସ୍ ବିପରୀତ ଦିଗରେ ଯାଇ ଘରେ ଥିବା ଶୌଚାଳୟ ମଧ୍ୟ ଦେଇ ନିର୍ଗତ ହୋଇଥିବା କୁହାଯାଉଛି ।

## ତ୍ରିପୁରା ପ୍ୟାଡି ପ୍ରୋକ୍ୟୋରମେଣ୍ଟ

ତ୍ରିପୁରା ସରକାର ଚଳିତମାସ ୧୫ ତାରିଖରୁ ରବିଋତୁ ପାଇଁ ବାର୍ଷିକ ରିହାତି ଧାନ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି ।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୁଶାନ୍ତ ଚୌଧୁରୀ କହିଛନ୍ତି ୨୦୧୮ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ରାଜ୍ୟର କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି । ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୨୧ ଶହ ୮୩ ଟଙ୍କାରେ ୧୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ଯେଉଁଥିରେ ପରିଚାଳନା ଖର୍ଚ୍ଚ ବାବଦରେ କେନ୍ଦ୍ର ସରକାର ୩୫ କୋଟି ଟଙ୍କା ଏବଂ ରାଜ୍ୟ ରାଜକୋଷରୁ ୧୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ୩୧ଟି ଅସ୍ଥାୟୀ କ୍ରୟ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ବିଜେପି ବିଧାୟକ ଦଳ ବୈଠକ

ଓଡ଼ିଶା ବିଜେପି ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଆଜି ଅପରାହ୍ନରେ ବସି ବିଧାୟକ ଦଳ ନେତା ଚୟନ କରାଯିବ । ଏଥିରେ ଦୁଇ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଏବଂ ଭୂପେନ୍ଦ୍ର ଯାଦବ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ । ନେତା ଚୟନ ପରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ସହ ଦଳ ପକ୍ଷରୁ ନୂତନ ସରକାର ଗଠନ ନେଇ ରାଜ୍ୟପାଳଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ । ଆସନ୍ତାକାଲି ଭୁବନେଶ୍ୱର ଜନତା ମଇଦାନଠାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ବହୁ କେନ୍ଦ୍ରମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ସିକିମ୍ କ୍ୟାବିନେଟ୍

ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ଆଜି ରାଜ୍ୟ ସଚିବାଳୟରେ ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକ କରିଛନ୍ତି । ନିର୍ବାଚନ ବିଜୟ ପରେ ଗତକାଲି ଶ୍ରୀ ତମାଙ୍ଗ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ନୂଆ ବିଧାନସଭାର ଅସ୍ଥାୟୀ ବାଚସ୍ପତି ଭାବେ ବିଧାୟକ ସଂଜୀତ୍ ଖାରେଲ୍‌ଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟପାଳଙ୍କୁ ସୁପାରିଶ୍ କରାଯିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି । କ୍ୟାବିନେଟ୍ ବୈଠକରେ ହୋଇଥିବା ଅନ୍ୟ ନିଷ୍ପତ୍ତି ଗୁଡ଼ିକ ମଧ୍ୟରେ ଭୂସ୍ଖଳନ ପ୍ରଭାବିତ ଲୋକଙ୍କୁ ନୂଆ ଘର ଯୋଗାଇଦେବା ସହ କ୍ଷତିପୂରଣ ପ୍ରଦାନ, ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍‌ଭୋଗୀଙ୍କୁ ୪ ପ୍ରତିଶତ ଅଧିକ ମହଙ୍ଗାଭତ୍ତା ଏବଂ ରାଜ୍ୟ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆୟୋଜନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଆଦି ଅନ୍ତର୍ଭୁକ୍ତ ରହିଛି ।

---

# ମିନିଷ୍ଟର-ଦାୟିତ୍ୱ ଗ୍ରହଣ

ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ମଧ୍ୟରେ ହୋଇଥିବା ବିଭାଗ ବଣ୍ଟନ ପରିପ୍ରେକ୍ଷୀରେ ଆଜି ବିଭିନ୍ନ ମନ୍ତ୍ରୀ ସେମାନଙ୍କର ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଅମିତ ଶାହା ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଥିବା ବେଳେ କିରଣ ରିଜିଜୁ ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିଭଳି ଶିବରାଜ ସିଂ ଚୌହାନ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଦାୟିତ୍ୱ ନେଇଥିବା ବେଳେ ଅଶ୍ୱିନୀ ବୈଷ୍ଣବ ରେଳବାଇ,

ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଜ୍ୟୋତିରାଦିତ୍ୟ ସିନ୍ଧିଆ ଦୂରସଂଚାର ମନ୍ତ୍ରଣାଳୟ, ମନୋହରଲାଲ ଖଟର ଶକ୍ତି ବିଭାଗ, ଜିଜେନ୍ଦ୍ର ସିଂ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ମିକ ଏବଂ ତାଲିମ ମନ୍ତ୍ରଣାଳୟ, ଜୟନ୍ତ ଚୌଧୁରୀ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି ।

ରାମବିଳାସ ପାଶ୍ୱାନଙ୍କ ଏଲ୍‌ଜେପି ପାର୍ଟି ନେତା ଚିରାଗ ପାଶ୍ୱାନ ଆଜି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ପାଶ୍ୱାନ କହିଛନ୍ତି ଯେ ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହାକୁ ସେ ନିଷ୍ଠା ଓ କଠିନ ପରିଶ୍ରମ ସହିତ ପାଳନ କରିବେ । ତାଙ୍କ ବିଭାଗ ସିଧାସଳଖ କୃଷକମାନଙ୍କୁ ଉପକୃତ କରିବ ଏବଂ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ନେଇ ସାହାଯ୍ୟ କରିବେ ବୋଲି ଶ୍ରୀ ପାଶ୍ୱାନ କହିଛନ୍ତି ।

## ଦିଲ୍ଲୀ ଜଳସଂକଟ

ଜାତୀୟ ରାଜଧାନୀ ଦିଲ୍ଲୀରେ ଦେଖାଦେଇଥିବା ଜଳସଂକଟକୁ ନେଇ ଉପରାଜ୍ୟପାଳ ଭି.କେ. ସାକ୍‌ସେନା ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଶ୍ରୀ ସାକ୍‌ସେନା ଏହି ପରିପ୍ରେକ୍ଷୀରେ ଆଜି ହରିଆଣା ମୁଖ୍ୟମନ୍ତ୍ରୀ ନାୟବ ସାଇନୀଙ୍କ ସହ କଥା ହୋଇଛନ୍ତି । ଏହାପରେ ଶ୍ରୀ ସାକ୍‌ସେନା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ବିଧିବ୍ୟବସ୍ଥା ଅନୁଯାୟୀ ଦିଲ୍ଲୀକୁ ତା'ର ଅଂଶ ବାବଦ ଜଳ ବଣ୍ଟନ କରାଯାଉଛି ଏବଂ ଆଗକୁ ସବୁପ୍ରକାର ସମ୍ଭାବ୍ୟ ସାହାଯ୍ୟ ସହଯୋଗ ମଧ୍ୟ କରାଯିବ ବୋଲି ହରିଆଣା ମୁଖ୍ୟମନ୍ତ୍ରୀ

ପ୍ରତିଶ୍ରୁତି ଦେଇଛନ୍ତି । ହରିଆଣା ତରଫରୁ ଜଳ ବଣ୍ଟନ ନେଇ ସବୁ ପ୍ରକାର ସହଯୋଗ ସତ୍ତ୍ୱେ ଚଳିତବର୍ଷ ଦେଖାଯାଇଥିବା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତି ଯୋଗୁଁ ଦିଲ୍ଲୀରେ ଏପ୍ରକାର ଜଳସଂକଟ ଦେଖାଦେଇଛି ବୋଲି ମୁଖ୍ୟମନ୍ତ୍ରୀ ସାଇନୀ କହିଛନ୍ତି ।

---

## ଏସ୍‌ସି-ନିଟ୍

ନିଟ୍ ୟୁଜି-୨୦୨୪ ଫଳ ଆଧାରରେ ଚାଲିଥିବା ଡାକ୍ତରୀ ନାମଲେଖା କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ଅନ୍ତରିଣ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ଏ ନେଇ ଆଗତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏନ୍‌ଟିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ମାସ ୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି । ଗତ ମଇ ୫ ତାରିଖରେ ହୋଇଥିବା ଏହି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଏବଂ ଏ ସଂକ୍ରାନ୍ତରେ ତ୍ୱରିତ ତଦନ୍ତ କରାଯିବା ସହ ସାନି ପରୀକ୍ଷା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କ ତରଫରୁ ଏହି ମାମଲା ସୁପ୍ରିମକୋର୍ଟରେ ଦାଖଲ ହୋଇଛି ।

---

## ଚନ୍ଦ୍ରବାବୁ ନାଇଡୁ- ଓଥ୍

ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୨୭ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ବିଜୟୱାଡ଼ା ନିକଟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଏହି ସମାରୋହ ଏନ୍.ଡି.ଏ. ମେଣ୍ଟର ବରିଷ୍ଠ ନେତୃବୃନ୍ଦ ଏବଂ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟସୂଚୀ

ରହିଛି । ୨୦୧୪ ବିଭାଜନ ପରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ ଶ୍ରୀ ନାଇଡୁ ଦାୟିତ୍ୱ ଗ୍ରହଣ କରିବେ । ଟି.ଡି.ପି.' ଜନସେନା, ଭାରତୀୟ ଜନତା ପାର୍ଟିର ଏନ୍.ଡି.ଏ. ମେଣ୍ଟ ୧୭୫ଟି ବିଧାନସଭା ଆସନ ମଧ୍ୟରୁ ୧୬୪ଟିରେ ବିଜୟ ଲାଭ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

---